ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Forest, Env and Climate Change(Od)/1187/04-11-2023**

# ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ତାଳଗଛ ରୋପଣ କରାଯିବ

ଭୁବନେଶ୍ୱର,୦୪/୧୧/୨୦୨୩:

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଜଙ୍ଗଲ ପରିସୀମାରେ ବ୍ୟାପକ ତାଳଗଛ ରୋପଣ କରି ବଜ୍ରପାତଜନିତ କ୍ଷତି ରୋକିବା ସହ ଜଙ୍ଗଲ ପରିସୀମାକୁ ସୁରକ୍ଷା ଦେବାର ନିଷ୍ପତ୍ତି ରାଜ୍ୟସ୍ତରୀୟ ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀରେ ନେଇଛି । ଆଗାମୀ ୨୦୨୪-୨୫ ଏବଂ ୨୦୨୫-୨୬ ରୋପଣ ବର୍ଷରେ ପାଖାପାଖି ୭.୫ କୋଟି ଟଙ୍କା ବ୍ୟୟ କରାଯାଇ ପ୍ରାୟ ୧୯ ଲକ୍ଷ ତାଳଗଛ ରୋପଣ କରାଯିବ ।

ତାଳଗଛର ଅନେକ ଉପକାରିତା ରହିଛି । ପ୍ରଥମତଃ ଏହା ବଜ୍ରପାତଜନିତ କ୍ଷତି ରୋକେ, ଦ୍ୱିତୟତଃ ଜଙ୍ଗଲ ପରିସୀମାକୁ ସୁରକ୍ଷା ଦିଏ । ତୃତୀୟତଃ ଏହା ବନ୍ୟଜନ୍ତୁ ମୁଖ୍ୟତଃ ହାତୀମାନଙ୍କୁ ଖାଦ୍ୟ ଯୋଗାଇଥାଏ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସତ୍ୟବ୍ରତ ସାହୁ ପ୍ରକାଶ କରିଛନ୍ତି ।

ରୋପଣ କାର୍ଯ୍ୟ ଶେଷ ହେବା ପରେ ହାତୀ-ମଣିଷଙ୍କ ବିବାଦ ବହୁମାତ୍ରାରେ ହ୍ରାସ ପାଇବ । କାରଣ ତାଳଗଛ ହାତୀମାନଙ୍କୁ ଖାଦ୍ୟ ଯୋଗାଇବ ।

ଓଡ଼ିଶାରେ ୪୪୭୯ ଟି ବିଜ୍ଞପିତ (ନୋଟିଫାଏଡ୍) ଜଙ୍ଗଲ ବ୍ଲକ୍ ଏବଂ ୩୧୬୭୧ ବର୍ଗକିଲୋମିଟର ବାଉଣ୍ଡାରୀ ଲାଇନ୍ ରହିଛି । ଏହି ଜଙ୍ଗଲ ବ୍ଲକ୍‌ରେ ୪୮୦୨୦୭ଟି ବାଉଣ୍ଡାରୀ ପିଲାର ରହିଛି । ପ୍ରତି ସ୍ତମ୍ଭ ପାଖରେ ୪ଟି ତାଳଗଛ ରୋପଣ କରାଯିବ ।

ସୌରଭ ପ୍ରଧାନ
ସୂଚନା ଅଧିକାରୀ